## ଟ୍ରାକ୍ଟର ଡାଲା ଚୋରି ଅଭିଯୋଗ

**ଢେଙ୍କିକୋଟ୍,(ଡି.ଏନ.ଏ):** କେନ୍ଦୁଝର ଜିଲା ଘଟଗାଁ ଥାନା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧୀନ ଟିକିରା ଗ୍ରାମ ମେରୁନ ଇଞ୍ଜିନିୟରିଂ ୱାର୍କସପରୁ ଏକ ଟ୍ରାକ୍ଟର ଡାଲା ଚୋରି ହୋଇଯାଇଛି। ଏନେଇ ଟ୍ରାକ୍ଟର ଓ ୱାର୍କସପ୍ ମାଲିକ ଢେଙ୍କିକୋଟ୍ ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ କେସ ନଂ. ୨୫୧/୨୨ରେ ଏକ ମାମଲା ରୁଜୁ ହୋଇଥିବା ଘଟଗାଁ ଥାନା ଆଇଆଇସି ପ୍ରତିଭା ସାହୁ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବାପାଙ୍କ ଶୁଦ୍ଧିକ୍ରିୟା ପରେ ସାନପୁଅର ଆତ୍ମହତ୍ୟା

ବାଲିଆପାଳ, ୨୮।୧୧(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଖପରାପଦା ଗ୍ରାମର ବିଜେଡି ନେତା ବଳରାମ ସାହୁଙ୍କ ମୃତ୍ୟୁର ୧୪ଦିନ ପରେ ସାନ ପୁଅ ସନ୍ନୁ(୨୦) ରବିବାର ବିଳମ୍ବିତ ରାତ୍ରିରେ ନିଜ ଶୋଇବା ଘରେ ଆତ୍ମହତ୍ୟା କରିଛନ୍ତି। ବାପାଙ୍କ ମୃତ୍ୟୁ ପରେ ସନ୍ନୁ ସବୁବେଳେ ମାନସିକ ଅସ୍ଥିରତା ମଧ୍ୟରେ ରହୁଥିଲେ। ମଝିରେ ମଝିରେ ବାପାଙ୍କ ପାଖକୁ ଚାଲିଯିବେ ବୋଲି ପ୍ରଳାପ କରୁଥିଲେ। ଏପରିକି ପିତାଙ୍କ ଅନୁପସ୍ଥିତିକୁ ଅନୁଭବ କରି ବାପାଙ୍କ ଫଟୋ ଆଗରେ କାନ୍ଦୁଥିବା ପରିବାର ଲୋକେ କହିଛନ୍ତି। ୧୪ ଦିନ ପରେ ରବିବାର ସନ୍ନୁ ନିଜ ବାପାଙ୍କ ଫଟୋକୁ ନିଜ ଶୋଇବା ଘର ସୋଫା ଉପରେ ରଖି ଶେଷ ଶ୍ରଦ୍ଧାଞ୍ଜଳି ଦେଇ ବେକରେ ଦୌଡ଼ି ଦେଇ ଆତ୍ମହତ୍ୟା କରିଥିବା ପଡ଼ୋଶୀମାନେ କହଛନ୍ତି।

### ବସ୍‌ରୁ ୧୦ କେଜି ଗଞ୍ଜେଇ ଜବତ

ବାରିପଦା ଅଫିସ,୨୮।୧୧- ମୟୂରଭଞ୍ଜ ଜିଲା ବାରିପଦା ଟାଉନ ଥାନା ପୋଲିସ ବେଲଗଡିଆ ଅଗ୍ନିଶମ ଛକଠାରେ ଏକ ଯାତ୍ରୀବାହି ବସ୍‌ରୁ ୧୦କେଜି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଜଳେଶ୍ୱରରୁ ବାରିପଦା ଆସୁଥିବା ଉକ୍ତ ବସ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଲିସ ଚଢ଼ାଉ କରିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୦ହଜାର ଟଙ୍କା ହେବ ବୋଲି ଜଣାପଡିଛି। ତେବେ ବସ୍‌ର ଡ୍ରାଇଭର ଓ ହେଲପରଙ୍କୁ ଅଟକ ରଖି ପୋଲିସ ପଚରାଉଚରା ଜାରି ରହିଛି।

### ୧୧ କୁଇଣ୍ଟାଲ ମହୁଲ ଜବତ : ଜଣେ ଗିରଫ

ମୋରଡ଼ା,୨୮।୧୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ସୋମବାର ଦାନ୍ତିଆମୁଁହା ପଞ୍ଚାୟତର ବଡ଼ଜାମବଣି ଗ୍ରାମରେ ଚଢ଼ାଉ କରି ୧୧ କୁଇଣ୍ଟାଲ ମହୁଲ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ତପନ କୁମାର ପାତ୍ର। ଅବକାରୀ ଅଧିକାରୀ ପୀତାମ୍ବର ମହାପାତ୍ରଙ୍କ ସୂଚନା ଅନୁଯାୟୀ, ତପନ ଦୀର୍ଘ ବର୍ଷ ହେଲା ବେଆଇନ ଭାବେ ଚୋରାରେ ମହୁଲ ବ୍ୟବସାୟ କରିଆସୁଥିଲେ। ଅବକାରୀ ଅଧିକାରୀ, ଏଏସ୍‌ଆଇ ସନ୍ତୋଷ କୁମାର ସ୍ୱାଇଁ, କନଷ୍ଟେବଳ ସୁରେନ୍ଦ୍ରନାଥ ତରେଇ, ଅନିକ କୁମାର ସାଥୁଆ, ପାର୍ବତୀ ମାଣ୍ଡି ଚଢ଼ାଉ କରି ତାଙ୍କୁ ଧରିବାରେ ସଫଳ ହୋଇଛନ୍ତି।

### ଜ୍ୟୋତିର୍ବିତ୍‌ଙ୍କ ବିୟୋଗରେ ଶୋକ

ପାଟଣା,୨୮।୧୧(ସ୍ୱ.ପ୍ର.):କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଉଦୟପୁର ଗ୍ରାମର ଜ୍ୟୋତିର୍ବିତ୍ ସନ୍ତୋଷ ପତି (୫୫ )ଙ୍କ ଶନିବାର ବିୟୋଗ ହୋଇଛି। ସେ ଏକା ଧାରରେ ଜଣେ ଲେଖକ, ଜ୍ୟୋତିଷ ବିଶାରଦ, ବାସ୍ତୁଶାସ୍ତ୍ରବିତ୍ ଥିଲେ। ତାଙ୍କ ବିୟୋଗରେ ଉଦୟପୁର ଗ୍ରାମ ସହ ସାହାରପଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପାଟଣା ବିଧାୟକ ଜଗନ୍ନାଥ ନାଏକ, ପୂର୍ବତନ ବିଧାୟକ ହୃଷିକେଶ ନାଏକ, ସାହାରପଡ଼ା ବ୍ଲକ୍ ଅଧକ୍ଷା ରୀନା ନାଏକ, ଶିଳ୍ପପତି ବିବେକାନନ୍ଦ ଦାଶ, ଖବରଦାତା ସନ୍ତୋଷ ପତି, ଉଦୟପୁର ସରପଞ୍ଚ ଲଳିତା ନାଏକ, ବିଜେଡି କୃଷକ ମୋର୍ଚ୍ଚା ଜିଲା ସଭାପତି ଦୀପକ ରାଜ, ନିହାରରଞ୍ଜନ ପରିଡ଼ା, ଦୁର୍ଯ୍ୟୋଧନ ବିଶ୍ୱାଳ, ନୃସିଂହ ବିଶ୍ୱାଳ, ଅବିନାଶ ପରିଡ଼ା, ବୁଟୁ ବଘେଲ, କୁନୁ ମହାନ୍ତ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ଝୁମର ଗୀତିକାର ଭୋଳାନାଥ ମହାନ୍ତଙ୍କ ପରଲୋକ

ବାଙ୍ଗିରିପୋଷି,୨୮।୧୧(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଧୀନ



ମାନଗଡ଼ ମୁଣ୍ଡାକଟା ଗ୍ରାମର ବିଶିଷ୍ଟ ଝୁମର ଗୀତିକାର ଭୋଳାନାଥ ମହାନ୍ତଙ୍କ ପରଲୋକ ଘଟିଛି। ତାଙ୍କ ଦ୍ୱାରା ଲିଖିତ ଗୀତ ଝୁମର ପ୍ରେମୀମାନଙ୍କୁ ବେଶ୍ ଆକୃଷ୍ଟ କରୁଥିଲା। ସ୍ଥାନୀୟ ଦରଗଡ଼ଶିଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ୨ ବର୍ଷ ତଳେ ସେ ଅବସର ଗ୍ରହଣ କରିଥିଲେ। ମୃତ୍ୟୁ ଖବର ଶୁଣି ବହୁ ମାନ୍ୟଗଣ୍ୟ ବ୍ୟକ୍ତ ଆସି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଆଦିବାସୀଙ୍କ ପ୍ରିୟ କାଇଚଟଣି

**ଜିଆଇ ଟ୍ୟାଗ୍ ମିଳିବା ନେଇ ଘୋଷଣା ପରେ ଉତ୍ସାହ**

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର,୨୮।୧୧**

ଓଡ଼ିଶାର ମୟୂରଭଞ୍ଜ ଜିଲାର କାଇଚଟଣି ସମେତ ଢେଙ୍କାନାଳ ଜିଲାର ମଗଜି ଲଡୁ ଓ କେନ୍ଦ୍ରାପଡ଼ା ଜିଲାର ରସାବଳି ତଥା ଅନ୍ୟ ତିନୋଟି ସାମଗ୍ରୀକୁ ମିଳିବ ଜିଆଇ (ଜିଓଗ୍ରାଫିକାଲ ଇଣ୍ଡିକେସନ) ଟ୍ୟାଗ୍। ଏ ନେଇ ଓୟୁଏଟି ପକ୍ଷରୁ ଆବେଦନକୁ ଗ୍ରହଣ କରି ବିସ୍ତୃତ ସମୀକ୍ଷା କରିବା ପାଇଁ ଆସନ୍ତା ଡିସେମ୍ବର ୬ ରେ ଜିଆଇ ପଞ୍ଜୀକରଣ ସଂସ୍ଥା, ଚେନ୍ନାଇ ପକ୍ଷରୁ ଏକ ଟିମ୍ ଓଡ଼ିଶା ଆସୁଛନ୍ତି। କାଇ ଚଟଣି ଆଦିବାସୀଙ୍କ ପ୍ରମୁଖ ଖାଦ୍ୟ ସହ ଜଡ଼ିତ ଥିବାରୁ ଏ ନେଇ ବନବାସୀଙ୍କ ମହଲରେ ଉତ୍ସାହ ଦେଖାଯାଇଛି।

କାଇ ବା କୁରୁକୁଟିଚଟଣି ବିଶେଷତଃ ଆଦିବାସୀ ବହୁଳ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ପ୍ରଚଳନ ଅଧିକ ରହିଛି। ଆଦିବାସୀଙ୍କ ପରମ୍ପରା ସହିତ ଏହା ବହୁ ଆଗରୁ ରହିଛି। ଏହାକୁ



ରାସ୍ତାକଡ଼ରେ ଆଦିବାସୀ ମହିଳା କାଇଚଟଣି ବିକ୍ରି କରୁଛନ୍ତି।

ଆଦିବାସୀମାନେ ବଣଜଙ୍ଗଲରୁ ସଂଗ୍ରହ କରି ଖାଇବା ସହ ବିକ୍ରି କରି ଚଳନ୍ତି। ବିଶେଷ କରି ବର୍ଷା ଓ ଶୀତଋତୁରେ ଏହା ଅଧିକ ମିଳିଥାଏ। ଏହି ଦିନରେ କାଇ ବା କୁରୁକୁଟିମାନେ ଜଙ୍ଗଲରେ ଶାଳ, କୁସୁମ ଆଦି ଗଛରେ ପତ୍ରକୁ ବାନ୍ଧି ଅଣ୍ଡା ଦେଇଥାନ୍ତି। ଅଣ୍ଡାକୁ ସ୍ଥାନୀୟ ଲୋକେ ଭାତ କୁହନ୍ତି। ବନବାସୀମାନେ ଉକ୍ତ ବସାକୁ ଆଣି ସେଥିରୁ ଅଣ୍ଡା ଓ କୁରୁକୁଟିକୁ ଅଲଗା କରି ରାନ୍ଧି ଖାଇଥାନ୍ତି। ବିଶେଷ କରି ସେଥିରେ ଲଙ୍କା, ଲୁଣ ମିଶାଇ ଚଟଣି କରି ଗରମ ବା ପଖାଳ ଭାତରେ ଖାଆନ୍ତି। ଆଜିକାଲି ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ଏହାର ଚାହିଦା ରହିଛି। ଏଣୁ ରାସ୍ତାଘାଟରେ ଏହାକୁ ବିକ୍ରି କରି ଦୁଇ ପଇସା ରୋଜଗାର

**ରହିଛି ଅନେକ ଔଷଧୀୟ ଗୁଣ**

କରୁଛନ୍ତି। ଏଥିରେ ନିଆରା ସ୍ୱାଦ ଥିବା ବେଳେ ଔଷଧୀୟ ଗୁଣ ଭରି ରହିଛି। ବିଶେଷ କରି ପେଟ ରୋଗ ପାଇଁ ଏହା ଉପାଦେୟ ବୋଲି ବୈଦ୍ୟ ବିଶାରଦ ହରେକୃଷ୍ଣ ମହାନ୍ତ କହିଛନ୍ତି। ଏହାକୁ ଏବେ ସବୁ ବର୍ଗର ଲୋକ ଖାଉଛନ୍ତି। ଏଣୁ ଏହାକୁ ଜିଆଇ ମାନ୍ୟତା ମିଳିଲେ ନିଶ୍ଚିତ ଭାବରେ ଅଞ୍ଚଳ ପାଇଁ ଖୁସିର ବିଷୟ ହେବ ବୋଲି ଗବେଷକ ଡ. କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି। କାଇ ସଂଗ୍ରହକାରୀ ଗୋବିନ୍ଦ ମୁଣ୍ଡା କୁହନ୍ତି, ଏଥିରେ ବହୁତ ଔଷଧୀୟ ଗୁଣ ରହିଛି। ପିଲା ଦିନରୁ ଆମେ ଖାଇ ଆସୁଛୁ। ଏହା ସଂଗ୍ରହ କରିବା କଷ୍ଟକର। ସେମାନଙ୍କ ବସାକୁ ଭାଙ୍ଗିଲେ ସେମାନେ କାମୁଡ଼ିଥାନ୍ତି। ଅନେକ ସମୟରେ ଏହା ଦ୍ୱାରା ଅସୁସ୍ଥ ହୋଇପଡ଼ନ୍ତି ବୋଲି ସେ କହିଛନ୍ତି।

## ସରିଲା ମୟୂରଭଞ୍ଜ ମହୋତ୍ସବ



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ବାରିପଦା ଅଫିସ,୨୮।୧୧**

ମୟୂରଭଞ୍ଜ ଜିଲାର କଳା ଓ ସଂସ୍କୃତି ଏବଂ ଆଦିବାସୀ ପରମ୍ପରାକୁ ନେଇ ବାରିପଦାସ୍ଥିତ ଐତିହାସିକ ଛଉ ପଡ଼ିଆରେ ଚାଲିଥିବା ସପ୍ତାହ ବ୍ୟାପୀ 'ମୟୂରଭଞ୍ଜ ମହୋତ୍ସବ' ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ମୋରଡ଼ା ବିଧାୟକ ରାଜକିଶୋର ଦାସ, ପ୍ରାକ୍ତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ବାରିପଦା ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲାର କୋଣ ଅନୁକୋଣରୁ ବଛା ବଛା କଳାକାରମାନଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଜିଲା ତଥା ରାଜ୍ୟ ଓ ରାଜ୍ୟ ବାହାରୁ ଆଦିବାସୀ ନୃତ୍ୟ, ସଙ୍ଗୀତ ଓ ପରମ୍ପରାର ଝଲକ ପରିବେଷଣ ହେବା ସହିତ ନାମିଦାମୀ କଳାକାରମାନେ ନିଜର କଳା ପ୍ରଦର୍ଶନ କରିଥିଲେ। ଶେଷ ସନ୍ଧ୍ୟାରେ ଗୀତିକାର ମଣ୍ଟୁ ଛୁରିଆଙ୍କ ସମ୍ବଲପୁରୀ ଗୀତରେ ଦର୍ଶକମାନେ ଝୁମିଥିଲେ। କମିଟିର ସଭାପତି ଅସିତ ପତି, କାର୍ଯ୍ୟକାରୀ ସଭାପତି ସଞ୍ଜୀବ ଦ୍ୱିବେଦୀ, ସମ୍ପାଦକ କଳିଙ୍ଗ କେଶରୀ ଜେନା, ବିପ୍ଳବ ଭଞ୍ଜନ ବୁଗୁଡେଇ, ଉମେଶ ପଟ୍ଟନାୟକ, ପ୍ରସନ୍ନ ମହାପାତ୍ର, ଲଡୁ କିଶୋର ରଣା, ସୁଜିତ ମହାନ୍ତି, ସତ୍ୟଜିତ ସୋମ, ତାପସ କୁମାର ପାଢ଼ୀଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଉନ୍ନତ ସ୍ୱାସ୍ଥ୍ୟସେବା ଦାବିରେ ଗଣଧାରଣା



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଗଣଧାରଣା।

**ବାଲେଶ୍ୱର ଅଫିସ, ୨୮।୧୧**

ବାଲେଶ୍ୱର ଜିଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଦାବିରେ ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ଶତାଧିକ ଲୋକ ଜିଲାପାଳଙ୍କ ଅଫିସ୍ ଆଗରେ ସୋମବାର ଗଣଧାରଣାରେ ବସିଥିଲେ। ବିଭିନ୍ନ ସାମାଜିକ, ସାଂସ୍କୃତିକ, ଗଣସଙ୍ଗଠନର ପ୍ରତିନିଧି, ନିର୍ବାଚିତ ଜନପ୍ରତିନିଧି ଏବଂ ବହୁ ବୁଦ୍ଧିଜୀବୀ ଯୋଗଦେଇ କ୍ରିୟାନୁଷ୍ଠାନ କମିଟିର ଦାବିକୁ ସମର୍ଥନ ଜଣାଇଥିଲେ। ଏକ ପ୍ରତିନିଧିଦଳ ଅତିରିକ୍ତ ଜିଲାପାଳ ସୁଚାରୁ ବଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ଫକୀରମୋହନ ମେଡିକାଲ କଲେଜ୍ ଓ ହସ୍ପିଟାଲ୍‌ରେ ହୃଦ୍‌ରୋଗ, ସ୍ନାୟୁରୋଗ, ମୁତ୍ରାଶୟଜନିତ ଗୁରୁତର ରୋଗର ବିଭାଗ କାର୍ଯ୍ୟକ୍ଷମ କରି ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଜିଲାରେ ଖାଲିପଡ଼ିଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ପଦବୀ ପୂରଣ, ମଞ୍ଜୁରୀପ୍ରାପ୍ତ ଆୟୁଷ ହସ୍‌ପିଟାଲ, ନର୍ସିଂ ଓ ଫାର୍ମାସିଷ୍ଟ କଲେଜ ପ୍ରତିଷ୍ଠା, ଏମ୍‌ସର ବହିର୍ବିଭାଗକୁ ସପ୍ତାହବ୍ୟାପୀ କାର୍ଯ୍ୟକାରୀ କରି ସମସ୍ତ ପ୍ରକାର ରୋଗ ନିରୂପଣ ଯନ୍ତ୍ର ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ କମିଟି ଦାବି କରିଥିଲା। ଦାବିପୂରଣ ନ ହେଲେ ଡିସେମ୍ବରରେ ରାଜଧାନୀରେ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଗତ ୨୫ତାରିଖରୁ ଫକୀରମୋହନଙ୍କ ସାଧନାପୀଠ ଶାନ୍ତିକାନନରୁ ୧୫ଜଣିଆ ପ୍ରତିନିଧି ଦଳ ଜିଲାର ସମସ୍ତ ବ୍ଲକ୍ ଓ ପଞ୍ଚାୟତକୁ ପରିକ୍ରମା କରି ସ୍ୱାସ୍ଥ୍ୟସେବା ପାଇବା ମୌଳିକ ଅଧିକାର ସମ୍ପର୍କରେ ଜନସଚେତନତା ଯାତ୍ରା ଶେଷ କରି ଗଣଧାରଣାସ୍ଥଳରେ ପହଞ୍ଚିଥିଲେ। କ୍ରିୟାନୁଷ୍ଠାନ କମିଟିର ବରିଷ୍ଠ ସଦସ୍ୟ ବେଣୁଧର ବାରିକ ଓ ଡା. ପୂର୍ଣ୍ଣଚନ୍ଦ୍ର ଜେନା ବକ୍ତବ୍ୟ ଦେଇଥିଲେ। ଗଣଧାରଣାସ୍ଥଳରେ ସାଧାରଣ ସଭାରେ କ୍ରିୟାନୁଷ୍ଠାନ କମିଟି ସଭାନେତ୍ରୀ ମମତା ମହାପାତ୍ର ଅଧକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ଉପସଭାପତି ପ୍ରଭାକର ସାହୁ, ନିରଞ୍ଜନ ରାଉତ ଓ ଦୀନବନ୍ଧୁ ଲେଙ୍କା ସଭା ପରିଚାଳନାରେ ସହାୟତା କରିଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଗୌରାଙ୍ଗ ପାଣିଗ୍ରାହୀ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ଦାସଙ୍କ ସମେତ ବିଭିନ୍ନ ବ୍ଲକ୍ ଓ ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଯୋଗଦେଇଥିଲେ।

## ସନ୍ଦେହଘେରରେ ସୁରକ୍ଷା କର୍ମଚାରୀଙ୍କ ସମ୍ପୃକ୍ତି

**ଖଇରା, ୨୮।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ତହସିଲଦାର ମହେନ୍ଦ୍ର ବେହେରାଙ୍କ ୨ଟି କାର୍ଯ୍ୟକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋରଧରିଛି । ଏହାକୁ ସମୀକ୍ଷା କଲେ, ଯେ, କେହି ଫସଲ ବାଡ ଖାଉଛି ବୋଲି ଉପଲବ୍ଧି କରିପାରିବ। ଗୁରୁବାର ରାତିରେ ତହସିଲଦାର ବେଆଇନ ବାଲି ଓ ପଥରଚାଲାଣକାରୀଙ୍କୁ ଧରିବାକୁ ଗାଡ଼ିରେ କାର୍ଯ୍ୟାଳୟରୁ ବାହାରିଥିଲେ। କିଛି ଦୂର ଯିବା ପରେ ତାଙ୍କ ଗାଡ଼ିକୁ କେହି ଫଲୋ କରୁଥିବା ସେ ସନ୍ଦେହ କରିଥିଲେ। ହଠାତ୍ ଗାଡ଼ି ବନ୍ଦ କରି ସେ ବାଇକକୁ ଜବତ କରିଥିଲେ। ପରେ ଏହା ଥାନାରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀଙ୍କର ବୋଲି ଜଣାପଡ଼ିଛି। ସେହିଭଳି ସୋମବାର ସକାଳେ କୁପାରୀର ଏକ କ୍ରସରରୁ ଚିପ୍‌ସ ବୋଝେଇ ଡମ୍ପର ବାହାରକୁ ଚାଲାଣ କରାଯାଉଥିବା ଖବରପାଇ ସେ ଗାଡ଼ିକୁ ଜବତ କରିଥିଲେ। ପରେ ଉକ୍ତ ଗାଡ଼ି ମଧ୍ୟ ଥାନାରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କର ବୋଲି କୁହାଯାଉଛି। ଉଭୟ ଘଟଣା ସମ୍ପର୍କରେ ଖଇରା ତହସିଲଦାରଙ୍କୁ ପଚରାଯିବାରେ ବାଇକଟି ବହୁ ସମୟରେ ତାଙ୍କୁ ଅନୁସରଣ କରୁଥିଲା। ଏଣୁ ତାଙ୍କୁ ସେ ବାଧ୍ୟ ହୋଇ ଜବତ କରିଥିଲେ। ସେହିଭଳି ଚିପ୍ସ ବୋଝେଇ ଗାଡ଼ି ସମ୍ପର୍କରେ ସେ ଚିପ୍ସର ଜିଏସ୍‌ଟି ବିଲ୍ ମଗାଇଛନ୍ତି। ଯଦି ତାହା ନ ମିଳେ ତେବେ ଜରିମାନା ନିଆଯିବ ବୋଲି କହିଛନ୍ତି।

## ଆଖି ବୁଜିଲେ ଗୁରୁତର ଘର ମାଲିକ





ଘର ନିକଟରେ ପୋଲିସ ତଦନ୍ତ କରୁଛି। ମୃତ ବିଷ୍ଣୁମୋହନ ସାହୁ (ଫଟୋ: ଇନ୍‌ସେଟ୍)

**ଚାନ୍ଦବାଲି,୨୮।୧୧(ଡି.ଏନ୍.ଏ.)**

**ମତୋ ଦକ୍ଷିଣସାହି ବିସ୍ଫୋରଣ ଘଟଣା**
**ସାଇଣ୍ଟିଫିକ ଟିମ୍ ସହ ପୋଲିସର ତଦନ୍ତ**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମତୋ ଦକ୍ଷିଣସାହି ଗ୍ରାମରେ ରବିବାର ଘଟିଥିବା ଅଗ୍ନିକାଣ୍ଡ ଓ ବିସ୍ଫୋରଣରେ ଗୁରୁତର ହୋଇଥିବା ଘର ମାଲିକ ବିଷ୍ଣୁମୋହନ ସାହୁ(୪୭)ଙ୍କର କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ମୃତ୍ୟୁ ଘଟିଛି। ଚାନ୍ଦବାଲି ଏସ୍‌ଡିପିଓ ଦେବୀଶଙ୍କର ପ୍ରତାପ, ଥାନାଧିକାରୀ କରୁଣାକର ରାଉତ, ମତୋ ଫାଣ୍ଡି ଅଧିକାରୀ ବୁଦ୍ଧିରାମ ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଫାଟିଯାଇଥିବା ରନ୍ଧନ ଗ୍ୟାସ୍ ସିଲିଣ୍ଡର ଓ ଚୁଲା ଜବତ କରିଛନ୍ତି। ସେହିପରି ଭଦ୍ରକରୁ ୪ଜଣିଆ ସାଇଣ୍ଟିଫିକ୍ ଟିମ୍ ଆସି ଫଟୋ ଉତ୍ତୋଳନ କରିବା ସହ କେତେକ ନମୁନା ସଂଗ୍ରହ କରିଛି। ଏପର୍ଯ୍ୟନ୍ତ ଅଗ୍ନିକାଣ୍ଡ ଓ ବିସ୍ଫୋରଣର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଘଟଣାର ତଦନ୍ତ ଜାରି ରହିଥିବା ଚାନ୍ଦବାଲି ଥାନାଧିକାରୀ ରାଉତ କହିଛନ୍ତି।

ସୂଚନାଯୋଗ୍ୟ, ବିଷ୍ଣୁମୋହନ ଜଣେ ବାଣ କାରିଗର ଓ ବିକ୍ରେତା ଥିଲେ। ରବିବାର ଅପରାହ୍ନରେ କୌଣସି କାରଣରୁ ତାଙ୍କ ଘରେ ନିଆଁ ଲାଗିବା ସହ ବଡ଼ଧରଣର ବିସ୍ଫୋରଣ ହୋଇଥିଲା। ଏଥିରେ ତାଙ୍କ ଘର ଛାତ ଭାଙ୍ଗି ଯାଇଥିବା ବେଳେ କାନ୍ଥ ଫାଟି ଯାଇଛି। ଅଗ୍ନିକାଣ୍ଡ ପରେ ଘରେ ଗଚ୍ଛିତ ଥିବା ବାଣରେ ନିଆଁ ଲାଗି ଏପରି ବିସ୍ଫୋରଣ ହୋଇଥିବା ସନ୍ଦେହ କରାଯାଉଛି। ତେବେ ବିଷ୍ଣୁମୋହନଙ୍କ ସ୍ତ୍ରୀ ମଞ୍ଜୁଲତାଙ୍କ ଅଭିଯୋଗକ୍ରମେ ରବିବାର ଚାନ୍ଦବାଲି ଥାନାରେ ଏକ ମାମଲା (ନଂ.୩୮୪/୨୨) ରୁଜୁ କରାଯାଇଛି। ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ତାଙ୍କ ସ୍ୱାମୀ ଗୁରୁତର ହୋଇଥିବା ନେଇ ସେ ଏତଲାରେ ଦର୍ଶାଇଥିଲେ।

## ସାପ ସହ ଝିଅକୁ ଧରି ହସ୍‌ପିଟାଲରେ ପରିବାର ଲୋକେ

**ସାପ କାମୁଡାରେ ଶିଶୁକନ୍ୟା ମୃତ**

**ଲଙ୍ଗଳେଶ୍ୱର, ୨୮।୧୧(ଡି.ଏନ.ଏ.)**

ବିଛଣାରେ ମା' ବାପା ସହ ଶୋଇଥିବା ବେଳେ ୮ ମାସର ଝିଅକୁ ଏକ ବିଷଧର ସାପ କାମୁଡି ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଝିଅର ଜୀବନ ବଞ୍ଚାଇବା ଆଶାରେ ତାଙ୍କ ବାପା ସାପ ସହିତ ଝିଅକୁ ଧରି ହସ୍‌ପିଟାଲରେ ପହଞ୍ଚିଥିଲେ। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ଏଭଳି ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲା ସିଂଲା ଥାନା ବାୟା ଗ୍ରାମରେ।

ରବିବାର ରାତିରେ ଦିଲୀପ ପାଣିଗ୍ରାହୀ ତାଙ୍କ ସ୍ତ୍ରୀ ୮ ମାସର ଶିଶୁ କନ୍ୟା ପ୍ରିୟଙ୍କାଙ୍କ ସହ ମଶାରି ଭିତରେ ଶୋଇଥିଲେ। ଭୋର ସମୟରେ ଝିଅଟି ହଠାତ୍ କାନ୍ଦିବାରୁ ମା'ବାପା ଉଠିଯାଇ ମଶାରି ଭିତରେ ଏକ ସାପ ବୁଲୁଥିବା ଦେଖିବାକୁ ପାଇଥିଲେ। ଏହାସହ ଝିଅର ହାତ ପାପୁଲିରେ ରକ୍ତ ବାହାରୁଥିବା ଦେଖି ସଙ୍ଗେ ସଙ୍ଗେ ପରିବାର ଲୋକେ ଉକ୍ତ ସାପକୁ ଏକ ଡବାରେ ପୂରାଇ ଝିଅକୁ ନେଇ ନିକଟସ୍ଥ ବସ୍ତା ହସ୍ପିଟାଲ ପହଞ୍ଚିଥିଲେ।

## ୫ରେ ଭଦ୍ରକ ସହର ବନ୍ଦ

**ଡାକରା ଦେଲା କଂଗ୍ରେସ**

**ଭଦ୍ରକ ଅଫିସ, ୨୮।୧୧**

ମେଡିକାଲ କଲେଜ ପ୍ରତିଷ୍ଠା ଓ ଭଦ୍ରକ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ଆସନ୍ତା ଡିସେମ୍ବର ୫ରେ ଭଦ୍ରକ ସହର ବନ୍ଦ କରାଯିବ। ଏନେଇ କଂଗ୍ରେସ ପକ୍ଷରୁ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଓ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ଦୀର୍ଘଦିନ ଧରି ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ସରକାର ଏ ଦିଗରେ କୌଣସି ନିଷ୍ପତ୍ତି ନେଉନାହାନ୍ତି। ଜିଲାବାସୀଙ୍କ ସ୍ୱାର୍ଥ ପାଇଁ ଭଦ୍ରକ ବିଧାନସଭା କ୍ଷେତ୍ର କଂଗ୍ରେସ ପକ୍ଷରୁ କେବଳ ଏହି ସହରକୁ ୮ ଘଣ୍ଟା ବନ୍ଦ କରାଯିବ ବୋଲି ଦଳୀୟ ନେତା ନଳିନୀକାନ୍ତ ମହାନ୍ତି କହିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ ଦାବିପତ୍ର ଗ୍ରହଣ କରିଛନ୍ତି। ଅବଦୁଲ ମୋକିତ ଖାଁ, ଅସରଫ ଅଲ୍ଲୀ ଖାଁ, ପୀତବାସ ଧଳ, ଏନାମୁଲ ହକ୍, ଶେଖ୍ ଫୈଜାନ ଅଲ୍ଲୀ, ଶେଖ୍ ତୁବାରକ୍, ସୁଶାନ୍ତ କୁମାର ଦାସଙ୍କ ସମେତ କଂଗ୍ରେସ କର୍ମୀମାନେ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।



କଂଗ୍ରେସ କର୍ମକର୍ତ୍ତା ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ସ୍କୁଲ୍, କଲେଜ ଆଗରେ ମୁକୁଳା ଟ୍ରାନ୍ସଫର୍ମର

**ସାରସକଣା/ ଗୋପବନ୍ଧୁ ନଗର,୨୮।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ହୋଇପଡ଼ିଛି। ବିଷେତଃ ଏହା ସ୍କୁଲ୍ ପରିସର ଓ କଲେଜ ଆଗରେ ଥିବାରୁ ଛାତ୍ରୀଛାତ୍ର ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଏଥିସହ ଖୁଣ୍ଟା ବ୍ଲକ୍ ପ୍ରବେଶ ପଥରେ ମୁକୁଳା ଟ୍ରାନ୍ସଫର୍ମର ବିପଦକୁ ନିମନ୍ତ୍ରଣ କରୁଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଧ୍ୟାନଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ପ୍ରକାଶ ଯେ, ସାରସକଣା ମୁରୁଣିଆ ପଞ୍ଚାୟତ ମହୁଲବରେଇ ଗ୍ରାମର ଶରତପାଳ ମହାବିଦ୍ୟାଳୟ ସମ୍ମୁଖ ରାସ୍ତାକଡ଼ରେ ମୁକୁଳା ଟ୍ରାନ୍ସଫର୍ମର ରହିଛି। ଉକ୍ତ ରାସ୍ତା ଦେଇ ଛାତ୍ରୀଛାତ୍ର ଯାତାୟାତ କରୁଛନ୍ତି। ଏହାକୁ ସ୍ଥାନାନ୍ତର କରାଯିବା ଆବଶ୍ୟକ ବୋଲି ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ କହିଛନ୍ତି। ସେହିଭଳି ଉମାଦେଇପୁର ପଞ୍ଚାୟତର ଶଂଶାନଦୀ ଓ ଭଣ୍ଡାରିକୁଡ଼ା ଗ୍ରାମରେ ଥିବା ଶଂଶାନଦୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଖେଳପଡ଼ିଆ କଡ଼ରେ ଏକ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ



ଖୁଣ୍ଟା ବ୍ଲକ କାର୍ଯ୍ୟାଳୟ।



ଶଂଶାନଦୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ



ସାରସକଣା ମହାବିଦ୍ୟାଳୟ।

ପଡ଼ିରହିଛି। ବିଦ୍ୟାଳୟକୁ ଯାଉଥିବା ଶିଶୁମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହାକୁ ସ୍ଥାନାନ୍ତର କରାଯିବା ଆବଶ୍ୟକ। ଟାଟା ପାୱାର ଅଧିକାରୀମାନେ ଏହାକୁ ନଜର ଦେବାକୁ ଗ୍ରାମର ୱାର୍ଡ ସଭ୍ୟ ତାପସୀ ମୁଣ୍ଡା, ନାଏବ ସରପଞ୍ଚ ଭାସ୍କର ନାଏକ, ମହେନ୍ଦ୍ର ମହାନ୍ତ ଦାବି କରିଛନ୍ତି।

ଅନୁରୂପ ଖୁଣ୍ଟା ବ୍ଲକ୍ ମୁଖ୍ୟ ଫାଟକ ଆଗରେ ଥିବା ମୁକୁଳା ବିପଦସଙ୍କୁଳ ଟ୍ରାନ୍ସଫର୍ମରକୁ ନେଇ ସାଧାରଣରେ

- **ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି ଛାତ୍ରୀଛାତ୍ର**
- **ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି**

ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ୍ କାର୍ଯ୍ୟାଳୟକୁ ହଜାର ହଜାର ଲୋକ ବିଭିନ୍ନ କାର୍ଯ୍ୟରେ ଆସୁଥିବା ବେଳେ ଟ୍ରାନ୍ସଫର୍ମରକୁ ଲାଗି ଦୋକାନ ମଧ୍ୟ ରହିଛି। ବ୍ଲକ୍ କାର୍ଯ୍ୟାଳୟ ଫାଟକ ନିକଟରୁ ମାତ୍ର ୩/୪ ହାତ ଦୂରରେ ରହିଥିଲେ ହେଁ କାହାର ନଜର ପଡୁନି। ଏଥିସହ ବ୍ଲକ୍‌ଠାରୁ ବିଦ୍ୟୁତ୍ ମୁଖ୍ୟ କାର୍ଯ୍ୟାଳୟ ଓ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ୫ଶହ ମିଟର ଦୂର ହୋଇଥିଲେ ମଧ୍ୟ ଏଥି ପ୍ରତି ଦୃଷ୍ଟି ନ ପଡ଼ିବା ପରିତାପର ବିଷୟ। ଏଣୁ ଧନ ଜୀବନ ସୁରକ୍ଷା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଯଥା ଶୀଘ୍ର ଏଥିପ୍ରତି ଦୃଷ୍ଟିଦେବାକୁ ଲୋକେ ଦାବି କରିଛନ୍ତି।

## ଦୁର୍ଘଟଣାରେ ୪ ଗୁରୁତର

ଖୁଣ୍ଟା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା - ବାରିପଦା ରାଜ୍ୟ ରାଜପଥର ବାସିପିଠା ଛକ ନିକଟରେ ୨ ବାଇକ୍ ମଧ୍ୟରେ ଧକ୍କା ହେବାରୁ ୪ଜଣ ଗୁରୁତର ହୋଇଛନ୍ତି। ସୋମବାର ଅପରାହ୍ନରେ ଏକ ସ୍କୁଟିରେ ରାଡ଼ୋ ଅଞ୍ଚଳର ତପନ ପାତ୍ର (୨୪), ଉଦଳା ଥାନା କୁଣ୍ଡାବାଇ ଗ୍ରାମର ପୂର୍ଣ୍ଣଚନ୍ଦ୍ର ସିଂ (୨୫) ଏବଂ ନୂଆଗାଁର ରାଜକିଶୋର ବେହେରା (୨୫) ବାରିପଦାରୁ ଉଦଳା ଅଭିମୁଖେ ଆସୁଥିବା ବେଳେ ସମ୍ମୁଖ ପଟୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ଖୁଣ୍ଟା ଥାନା ଅଧୀନ ବଡ଼କରଞ୍ଜିଆର ଉପେନ୍ଦ୍ର ଦାସଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସେମାନେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

### ଆଜି କ'ଣ କେଉଁଠି

ବାଲେଶ୍ୱର

- ସଚେତନତା ରଥ, ସ୍ଥାନ: ଜିଲାପାଳଙ୍କ ଅଫିସ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

# ମେରୁମଠ ଜମିରେ ବେଆଇନ ରାସ୍ତା ନିର୍ମାଣ

ସାରସକଣା,୨୮।୧୧(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ଶୀର୍ଷା ପଞ୍ଚାୟତର ମେରୁମଠ ଜମିରେ ବେଆଇନ ରାସ୍ତା ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ବେଡ଼ାପାଳ ଗ୍ରାମର ପ୍ରାୟ ୧୦ ପରିବାରର ପୂର୍ବ ଯାତାୟତ ପଥ ବନ୍ଦ ହୋଇଯାଇଥିବାରୁ ସେମାନେ ମଠ ଜମିରେ ରାସ୍ତା ତିଆରି କରିବାକୁ ପ୍ରୟାସ କରିଥିଲେ। ଖବରପାଇ ଝାରପୋଖରିଆ ପୋଲିସ ହସ୍ତକ୍ଷେପ କରିବା ପରେ ରାସ୍ତା ନିର୍ମାଣ ବନ୍ଦ ରହିଛି।

ପର୍ଯ୍ୟଟନ ବିଭାଗ ପକ୍ଷରୁ ମେରୁ ମଠ ଉନ୍ନତିକରଣ କାର୍ଯ୍ୟ ଚାଲିଛି। ମଠର ପ୍ରବେଶ ପଥରେ ଏକ ଗେଟ ନିର୍ମାଣ ହେଉଛି। ତେବେ ବେଡ଼ାପାଳ ଗ୍ରାମର ଲୋକେ ଗେଟ ପାଖରେ ବେଆଇନ ଭାବେ ରାସ୍ତା ତିଆରି କରିବାକୁ ପ୍ରୟାସ କରିଥିଲେ। ଗ୍ରାମବାସୀଙ୍କ କହିବା ମୁତାବକ, ପୂର୍ବରୁ ସେମାନେ ଯାତାୟତ କରୁଥିବା ରାସ୍ତାଟି ଜଣେ ଲୋକଙ୍କର ଜମି ହୋଇଥିବାରୁ ସେ ଏହାକୁ ବନ୍ଦ କରି ଦେଇଛନ୍ତି। ଫଳରେ ଯାତାୟତ ପାଇଁ ସେମାନେ ନିର୍ମାଣଧିନ ଗେଟ ସମ୍ମୁଖରେ ରାସ୍ତା ଖୋଲିବାକୁ ଚେଷ୍ଟା କରୁଥିଲେ। ଉକ୍ତ ଗ୍ରାମବାସୀଙ୍କ ଯାତାୟତ ପାଇଁ ସେଠାରେ ପୂର୍ବରୁ ରାସ୍ତା ରହିଥିବା ବେଳେ କିଛି ଲୋକ ସରକାରୀ ଜମିକୁ କବଜା କରି ଯାତାୟତ ବନ୍ଦ ରଖିଛନ୍ତି। ଅନ୍ୟପଟେ ଉକ୍ତ ଜମି ମଠର, ଯାହାକି ପର୍ଯ୍ୟଟନ ବିଭାଗ ଅଧୀନରେ ଥିବା ସତ୍ତ୍ୱେ କେଉଁ ଉଦ୍ଦେଶ୍ୟରେ ମଠ ଜାଗାରେ ଲୋକେ ଯାତାୟତ ପଥ ନିର୍ମାଣ କରିବାକୁ ଚାହାନ୍ତି ସେଥିନେଇ ମଠାଧୀଶ ବାବା ବିଦ୍ୟାଧର ଦାସ ଚିନ୍ତା ପ୍ରକଟ କରିଛନ୍ତି। ଗ୍ରାମବାସୀ ତହସିଲଦାରଙ୍କୁ ଜଣାଇ ଜମିର ମାପ କରିବା ଏବଂ ଅସ୍ଥାୟୀ ଭାବେ କିଛିଦିନ ପାଇଁ ମଠ ଜାଗା ଦେଇ ଯାତାୟତ କରନ୍ତୁ ବୋଲି ପୋଲିସ ଲୋକଙ୍କୁ କହିବା ପରେ ସମସ୍ୟାର ଅସ୍ଥାୟୀ ସମାଧାନ ହୋଇଥିଲା। ମଠ ବାବା ସଞ୍ଜୟ ଦାସ ତହସିଲଦାର ମନୋଜ କୁମାର କାର୍ଜିଙ୍କୁ ଭେଟି ମଠ ଜମିର ସ୍ଥାନ ନିରୂପଣ କରିବାକୁ ଅନୁରୋଧ କରିଥିବା ପ୍ରକାଶ କରଛନ୍ତି।



ରାସ୍ତା ନିର୍ମାଣସ୍ଥଳରେ ପୋଲିସ ତଦନ୍ତ କରୁଛି।

## ଉତ୍କଳ ମୀନାବଜାର ଉଦ୍‌ଘାଟିତ



ରେମୁଣା, ୨୮।୧୧(ଡି.ଏନ.ଏ.)- ବାଲେଶ୍ୱର ସହର ବାଲିଆ ବୋଇତ ବନ୍ଦାଣ କମିଟି ତରଫରୁ ଅନୁଷ୍ଠିତ ୧୦ ଦିନ ବ୍ୟାପୀ ଉତ୍କଳ ମିନାବଜାର ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି। ରେମୁଣା ବ୍ଲକ ଚେୟାରମ୍ୟାନ ରାଜେନ୍ଦ୍ର ରାଉତ, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲିଆ ସରପଞ୍ଚ ନିତାଇ ଚରଣ ନାୟକ, ସୁତେଇ ସରପଞ୍ଚ କବିତା ମହାନ୍ତି, ସମିତିସଭ୍ୟ ତ୍ରିଲୋଚନ ପ୍ରଧାନ, ଶିବାନୀ ହାଁସଦାଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବକୁ କୃଷ୍ଣଚନ୍ଦ୍ର ସାହା ପରିଚାଳନା କରିଥିଲେ। ତପନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଦୀପ ଦାସ, ଦୁଷ୍ମନ୍ତ ମଲ୍ଲିକ, ଶ୍ରୀକାନ୍ତ ଦାସ, ଅଭିଜିତ ପାଣିଗ୍ରାହୀ, ରାଜେଶ ଦାସ, ଶିବପ୍ରସାଦ ମହାଲିକ, ଅଜୟ କୁମାର ଦାସ, ରବୀନ୍ଦ୍ର ମହାଲିକ, ମଙ୍ଗଳା ଦାସ, ବାବୁ ଦାସ, କମଳଲୋଚନ ପ୍ରଧାନ, ସୁକୁମାର ଦାସ, କାଳୀଚରଣ ବେହେରା, ଜଗନ୍ନାଥ ଦାସ ଓ ଫକୀରମୋହନ ଦାସ ପ୍ରମୁଖ କମିଟିର ସଦସ୍ୟ ପରିଚାଳନାରେ ସହାୟକ ହୋଇଥିଲେ।

## କପାଳୀ ନଦୀରୁ ବୃଦ୍ଧ ଉଦ୍ଧାର

ଭଦ୍ରକ ଅଫିସ, ୨୮।୧୧-ଭଦ୍ରକ ଜିଲା ଗଣିଜାଙ୍ଗ ନିକଟସ୍ଥ କପାଳି ନଦୀରୁ ଭାସୁଥିବା ଅବସ୍ଥାରେ ଜଣେ ବୃଦ୍ଧଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେ ସୁସ୍ଥ ହୋଇଥିବା ବେଳେ ଖବରପାଇ ସୋମବାର ତାଙ୍କ ପରିବାର ଲୋକେ ଚିକିତ୍ସାଳୟରେ ପହଞ୍ଚିଛନ୍ତି। ବୃଦ୍ଧ ଜଣଙ୍କ ହେଉଛନ୍ତି ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କୁପାରୀ ଗ୍ରାମର ମଥୁରୀ ବିଶ୍ୱାଳ। ତାଙ୍କ ବଡ଼ପୁଅ ବଳରାମଙ୍କ ସୂଚନା ଅନୁଯାୟୀ, ସେ ଗତ ଶୁକ୍ରବାର ସନ୍ଧ୍ୟାରେ କୁପାରୀ ବଜାରକୁ ଆସି ନିଖୋଜ ହୋଇଯାଇଥିଲେ। ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ନିଖୋଜ ହୋଇଥିବା ନେଇ ରବିବାର ଖଇରା ଥାନାରେ ଅଭିଯୋଗ କରିଥିଲେ।

ପ୍ରକାଶ ଯେ, ରବିବାର ସକାଳେ ନଦୀରେ ଜଣେ ବୃଦ୍ଧ ଭାସୁଥିବା ଦେଖି ସ୍ଥାନୀୟ ଅଞ୍ଚଳର ଘନଶ୍ୟାମ ବେହେରା ଓ ଦାମୋଦର ବେହେରା ତାଙ୍କୁ ଉଦ୍ଧାର କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ୱାର୍ଡସଭ୍ୟା ରାଜଲକ୍ଷ୍ମୀ ଦାସଙ୍କ ସହାୟତାରେ ଅପରାହ୍ନରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କ ପରିଚୟ ନ ମିଳିବାରୁ ଘନଶ୍ୟାମ ରାତିରେ ମେଡିକାଲରେ ଜଗି ରହିଥିଲେ।

# ଗଜପତିର ବୀରେନ୍ଦ୍ର ରାଇତା ଚାମ୍ପିୟନ



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

### ରାଜ୍ୟସ୍ତରୀୟ ବିଷ୍ଣୁ ସେଠୀ ମେମୋରିଆଲ ଓପନ ଚେସ୍ ଚାମ୍ପିୟନଶିପ୍

ଭଦ୍ରକ ଅଫିସ, ୨୮।୧୧

ଭଦ୍ରକ ନେହେରୁ ଷ୍ଟାଡିୟମରେ ଚାଲିଥିବା ଦୁଇଦିନିଆ ପ୍ରଥମ ବିଷ୍ଣୁ ସେଠୀ ମେମୋରିଆଲ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ୧୪ ଜିଲାରୁ ପ୍ରତିଯୋଗୀମାନେ ଭାଗ ନେଇଥିବା ବେଳେ ଗଜପତିର ବୀରେନ୍ଦ୍ର ରାଇତା ଚାମ୍ପିୟନ ହୋଇଛନ୍ତି। ଭଦ୍ରକ ଜିଲା ଚେସ୍ ଆସୋସିଏଶନ ସଭାପତି ଶୁଭେନ୍ଦୁ ରାୟ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏସ୍‌ବିଡି ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଦେବାଶିଷ ଦୀକ୍ଷିତ ଯୋଗ ଦେଇଥିଲେ। ଚେସ୍ ଖେଳ ରାଜା ମହାରାଜାଙ୍କ ଅମଳରୁ ଚାଲିଆସିଥିବା ବେଳେ ରାଜକୀୟ କ୍ରୀଡ଼ାର ସମ୍ମାନ ପାଇଛି। ଏହାକୁ ବଜାୟ ରଖିବା ପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଅଶୋକ ମହାନ୍ତି ଏବଂ ଅନ୍ୟତମ ଅତିଥି ଭାବେ ରାଜ୍ୟ ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସାମାଜିକ କର୍ମୀ ହେମନ୍ତ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ଚେସ୍ ଖେଳାଳି ସିଦ୍ଧାନ୍ତ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଚାମ୍ପିୟନଙ୍କ ସମେତ ରନର୍ସଅପ୍ ବାଲେଶ୍ୱରର ଅଶୋକ କୁମାର ଯାଜ୍ଞ, ତୃତୀୟ ସ୍ଥାନ ଅଧିକାର କରିଥିବା ପାଢ଼ୀ କମଳଲୋଚନ ଏବଂ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସାଧାରଣ ସମ୍ପାଦକ ଅଶୋକ ପରିଜା, ଆସୋସିଏଶନ ସଦସ୍ୟ ଭାଗୀରଥି ମହାକୁଡ, ସୁଜିତ ପତି, ବିଶ୍ୱଜିତ ଦାସ, ଲକ୍ଷ୍ମୀକାନ୍ତ ବାରିକ, ରିଆଜ ଖାଁ ପ୍ରମୁଖ ସହଯୋଗ କରିଥିଲେ। ରାଜେଶ ନାୟକ ଧନ୍ୟବାଦ ଦେଇଥିଲେ।

## ୧୦ ବର୍ଷ ହେଲା ମିଳିନି ପକ୍କାଘର, ଅଭିଯୋଗ କଲେ ଦୋଳପଦୀ ଗ୍ରାମବାସୀ

ବନ୍ତ,୨୮।୧୧(ଡି.ଏନ.ଏ.)

ସରକାର ଆବାସ ଯୋଜନାରେ ଗରିବଙ୍କୁ ପକ୍କାଘର ଯୋଗାଇ ଦେଉଛନ୍ତି। ହେଲେ ସେମାନେ ୧୦ ବର୍ଷ ହେଲା ପକ୍କାଘର ପାଇନାହାନ୍ତି। ସୋମବାର ଭଦ୍ରକ ଜିଲା ବନ୍ତ ବ୍ଲକରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି ନିଳୋକ ପଞ୍ଚାୟତର ଦୋଳପଦୀ ଗ୍ରାମବାସୀ। ଗ୍ରାମର ଶତାଧିକ ଗରିବ ଶ୍ରେଣୀର ଲୋକ ପକ୍କାଘର ପାଇବାରୁ ବଞ୍ଚିତ ହୋଇଥିବା କହିଛନ୍ତି।

ପ୍ରକାଶ ଯେ, ଉକ୍ତ ଗ୍ରାମରେ ପ୍ରାୟ ୬ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୨ଶହ ଅନୁସୂଚିତ ଜାତିର ଲୋକ। ସେମାନେ ସମସ୍ତେ ଦିନମଜୁରିଆ ଶ୍ରେଣୀର ହୋଇଥିବା ବେଳେ ଭଙ୍ଗା ଚାଳ ଛପର ଘରେ ଅତି ଦୟନୀୟ ଅବସ୍ଥାରେ ରହୁଛନ୍ତି। ୧୦ ବର୍ଷ ହେବ ସେମାନଙ୍କୁ ପକ୍କାଘର ମିଳିନାହିଁ। ଆକ୍ରୋଶମୂଳକ ଭାବେ ସେମାନଙ୍କୁ ପକ୍କାଘର ଦିଆଯାଉ ନ ଥିବା ସୁଶାନ୍ତ କୁମାର ସାହୁ, ଶଶିକାନ୍ତ ସାହୁ, ରାମଚନ୍ଦ୍ର ସାହୁ, ରମେଶ ସ୍ୱାଇଁଙ୍କ ସମେତ ବହୁ ଗ୍ରାମବାସୀ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଗ୍ରାଧିକାର ଭିତ୍ତିରେ ସେମାନଙ୍କୁ ପକ୍କାଗୃହ ଯୋଗାଇ ଦେବାକୁ ଜିଲାପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ସମସ୍ୟା ସମାଧାନ ହେଉ ନ ଥିବାରୁ ବ୍ଲକ ଆଗରେ ଅନଶନ

### ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି

ଜଳେଶ୍ୱର, ୨୮।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୯୧ ଅଭିଯୋଗ ପଞ୍ଜୀକରଣ ହୋଇଥିବା ବେଳେ କୃଷି, ପାନୀୟଜଳ, ଆବାସ ଗୃହ, ବାର୍ଦ୍ଧକ୍ୟଭତ୍ତା, ବାଲି ଚାଲାଣ ଓ ଦୁର୍ନୀତି ସମ୍ପର୍କରେ ଅଭିଯୋଗ ମିଳିଥିଲା। ନାମ୍ପୋ ଗାଁର କେତେକ ସମସ୍ୟା ସମାଧାନ ହେଉ ନ ଥିବାରୁ ଭାଜପା ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଧର୍ମଘଟ ଚାଲୁରହିଛି ।

ଧାନକ୍ରୟ ଲାଗି ନାମ ପଞ୍ଜୀକରଣରେ ବିଭ୍ରାଟ, ବାଲିର ବ୍ୟାପକ ଚୋରା ଚାଲାଣ, ଆବାସ ବଣ୍ଟନରେ ଦୁର୍ନୀତି, ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ଚଞ୍ଚକତା, ପ୍ରତିବର୍ଷ ଭଳି ଚଳିତବର୍ଷ ଶୀତବସ୍ତ୍ର ବଣ୍ଟନ ନ ହେବା, ବନ୍ୟା ସମୟରେ ସରକାରୀ ସହାୟତାରେ ପାତରଅନ୍ତର ଆଦି ବିଭିନ୍ନ ଅଭିଯୋଗ ଆସିଥିଲା। ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ସିଡିଏମ୍‌ଓ ଦୁଲାଲସେନ୍ ଜଗଦେବ, ଉପଜିଲାପାଳ ଛଭନ୍ କୁନାଲ ମୋତିରାମ, ପାନୀୟଜଳ ବିଭାଗ ନିର୍ବାହୀ ଇଂ ସମୀର ଚନ୍ଦ୍ର ଦେ, ସିଏସ୍‌ଓ ପ୍ରଦ୍ୟୁମ୍ନ ରାଉତରାୟ, ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ମହାନ୍ତି, ସିଡିଭିଓ ଡା. ବନମାଳୀ ସାହୁ, ଜଳେଶ୍ୱର ବିଡିଓ ପୁନମ ରାଉତ, ତହସିଲଦାର ମିହିର ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ଅଙ୍ଗନୱାଡିକେନ୍ଦ୍ରରେ ପିଲାମାନଙ୍କୁ ପ୍ରତିବର୍ଷ ଭଳି ନଭେମ୍ବର ୧୪ତାରିଖରେ ଶୀତବସ୍ତ୍ର ବଣ୍ଟନ କରାଯାଉଥିବା ବେଳେ ଚଳିତବର୍ଷ ନାମ୍ପୋ ପଞ୍ଚାୟତରେ ତାହା ନ ହେବା, ନାମ୍ପୋ ପୋଲିସ ଫାଣ୍ଡି ନିକଟରୁ କଟିପୋଲ ଯାଏ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ନ ହେବା, ନାମ୍ପୋ ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ୫-ଟି କାର୍ଯ୍ୟରେ ଅର୍ଥ ଆତ୍ମସାତ, ଗ୍ରାମ୍ୟ ରାସ୍ତାରେ ଭାରିଯାନ ଚଳାଚଳକୁ ବିରୋଧ କରି ଆନ୍ଦୋଳନ ଚାଲିଥିବା ବେଳେ ଅଧିକାରୀମାନେ ତାହାର ସମାଧାନ କରୁ ନ ଥିବାରୁ ଜଗଦୀଶ ପ୍ରଧାନଙ୍କ ନେତୃତ୍ୱରେ ସୁଧୀର କୁମାର ଭୂୟାଁ, ସୁନୀତା ପ୍ରଧାନ, ପ୍ରଣବ ବାରିକ, ଅରୁଣ ବେଜ ଓ ଫାଲଗୁନୀ ପାଣିଗ୍ରାହୀ ପ୍ରମୁଖ ଅନିର୍ଦ୍ଦିଷ୍ଟ କାଳ ଲାଗି ଅନଶନ ଧର୍ମଘଟରେ ସାମିଲ ହୋଇଛନ୍ତି।

# ଧାରଣାରେ ଅଙ୍ଗନୱାଡି କର୍ମୀ, ସହାୟିକା

ବାସୁଦେବପୁର,୨୮।୧୧(ଡି.ଏନ.ଏ.)

ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ପକ୍ଷରୁ ବାସୁଦେବପୁର ବ୍ଲକରେ କାର୍ଯ୍ୟରତ ଶତାଧିକ ଅଙ୍ଗନୱାଡି କର୍ମୀ ୮ଦଫା ଦାବିରେ ସୋମବାର ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ୨୦୧୮ ଆନ୍ଦୋଳନ ବେଳେ ବହିଷ୍କୃତ ହୋଇଥିବା କର୍ମୀଙ୍କୁ ପୁନଃ ନିଯୁକ୍ତି, ସରକାରୀ କର୍ମଚାରୀ ଭାବେ ଅଙ୍ଗନୱାଡି କର୍ମୀଙ୍କୁ ମାନ୍ୟତା ପ୍ରଦାନ, ମିନି ଅଙ୍ଗନୱାଡି ଉଚ୍ଛେଦ କରି ଏଠାରେ କାର୍ଯ୍ୟରତ କର୍ମୀଙ୍କୁ ମୁଖ୍ୟ କର୍ମୀ ଘୋଷଣା, କର୍ମୀ ଓ ସହାୟିକାମାନଙ୍କୁ ଅବସରକାଳୀନ ସହାୟତା ରାଶି ୫ ଲକ୍ଷକୁ ବୃଦ୍ଧି, ପେନ୍‌ସନ ବାବଦକୁ ମାସିକ ୫ ହଜାର ଟଙ୍କା, ଗାଁ କଲ୍ୟାଣ ସମିତିରୁ ଅଙ୍ଗନୱାଡି କର୍ମୀଙ୍କୁ ବାଦ୍ ଆଦି ଦାବି କରାଯାଇଛି। ବ୍ଲକ ସଭାପତି ଚନ୍ଦ୍ରମଣି ମହାନ୍ତି, ସମ୍ପାଦିକା କମଳିନୀ ମଲିକ ଓ ସାଧାରଣ ସମ୍ପାଦିକା ଝୁନୁପମା ଶତପଥୀଙ୍କ ନେତୃତ୍ୱରେ କର୍ମୀ ଓ ସହାୟିକାମାନେ ଧାରଣା ଦେଇଛନ୍ତି।



ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

# 'ପୂର୍ବରୁ ଲେଖାଯାଇଥିବା ଉପନ୍ୟାସରେ ସୀମିତ ରହିଯାଇଛେ'





ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

### 'ଓଡ଼ିଆ ଉପନ୍ୟାସର ଗତି ଓ ପ୍ରବୃତ୍ତି' ଆଲୋଚନାଚକ୍ର

ବଡବିଲ,୨୮।୧୧(ସ୍ୱ:ପ୍ର:)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ବିକାଶ ମହଲ ସଭାଗୃହରେ ରବିବାର ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ 'ଓଡ଼ିଆ ଉପନ୍ୟାସର ଗତି ଓ ପ୍ରବୃତ୍ତି' ଶୀର୍ଷକରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ମିଳନୀ ସାହିତ୍ୟ ସଂସଦ ଏବଂ ବଡ଼ବିଲ ସାହିତ୍ୟ ସଂସଦ ସହାୟତାରେ ଦୁଇଟି ଅଧିବେଶନ ହୋଇଥିଲା। ଏଥିରେ ଉଦ୍‌ବୋଧନ ଦେଇ ଓଡ଼ିଆ ଉପନ୍ୟାସରେ ଆମେ କେବଳ ଛ'ମାଣ ଆଠ ଗୁଣ୍ଠ ଚାଷ କରି ଚାଲିଛୁ। ସିଏ ପୁଣି ଭିନ୍ନ ଢ଼ଙ୍ଗରେ। ସେଥିରେ ଗୁଣ୍ଠଟିଏ ଛାଡନ୍ତୁ ଇଞ୍ଚେ ହେଲେ ଜମି ଯୋଡ଼ିପାରିନାହୁଁ। ଅର୍ଥାତ ଆମେ ପୂର୍ବରୁ ଲେଖା ହୋଇଥିବା ଉପନ୍ୟାସରେ ସୀମିତ ରହିଯାଇଛେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ପ୍ରଥମ ଅଧିବେଶନରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ପିନାକୀ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମିଳନୀ ସାହିତ୍ୟ ସଂସଦର ସଭାପତି ଦେବାଶିଷ ଚକ୍ରବର୍ତ୍ତି, ମୁଖ୍ୟ ବକ୍ତାଭାବେ କେନ୍ଦୁଝର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଧାପକ ସୁଧା ଦାଶ, ସମ୍ମାନିତ ଅତିଥି ଭାବେ ଯୋଡ଼ା ମହିଳା ମହାବିଦ୍ୟାଳୟ ଅଧାପିକା ଡ. ଆଭା ବଳ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ମିଳନୀ ସାହିତ୍ୟ ସଂସଦର ସମ୍ପାଦକ ଚିତ ମିଶ୍ରଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ପବିତ୍ର ପାଣିଗ୍ରାହୀ, ବଡ଼ବିଲ ସାହିତ୍ୟ ସଂସଦର ସମ୍ପାଦକ ବସନ୍ତ ମହାପାତ୍ର ଯୋଗଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା ସତ୍ୟପ୍ରିୟ ମହାଳିକ, ସୁସାହିତ୍ୟିକ ହଳଧର ପଣ୍ଡା, କେନ୍ଦୁଝର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପକ ଡ. ସୁମନ୍ତ ନାଏକ, ସୁସାହିତ୍ୟିକ ଡକ୍ଟର ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର, ଶରତଚନ୍ଦ୍ର ବାରିକ, ଇଞ୍ଜିନିୟର ଅମୀୟ ବଳ, ପଦ୍ମିନୀ ମିଶ୍ର ପ୍ରମୁଖଙ୍କ ସହ ଅନେକ ସାହିତ୍ୟିକ ଯୋଗଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ରୋନୁ



@ସୋନି



@ସୌମ୍ୟରଞ୍ଜନ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## କୋର୍ଟଙ୍କ ରାୟ

# ଦୋଷୀଙ୍କୁ ୫ବର୍ଷ ଜେଲ

### ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ ମାମଲା

ବାଲେଶ୍ୱର ଅଫିସ, ୨୮।୧୧

ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭାଇରାଲ ମାମଲାର ବିଚାର କରି ବାଲେଶ୍ୱର ପୋକ୍‌ସୋ କୋର୍ଟର ସ୍ୱତନ୍ତ୍ର ଜଜ୍ ରଞ୍ଜନ କୁମାର ସୂତାର ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୫ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଏହାସହ ୫ହଜାର ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆଉ ବର୍ଷେ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଅଭିଯୁକ୍ତ ଯୁବକ ହେଲେ ବାଲେଶ୍ୱର ଜିଲା କମର୍ଦ୍ଦା ଥାନା ଅଧୀନ ମନୁନଗର ଅଞ୍ଚଳର ଉପେନ୍ଦ୍ର ପାଳ ।

ଉପେନ୍ଦ୍ର ଜଣେ ନାବାଳିକାଙ୍କ ଅଶ୍ଳୀଳ ଫଟୋ କୌଶଳକ୍ରମେ ଉଠାଇ ତାଙ୍କୁ ବ୍ଲାକମେଲ୍ କରିବା ସହ ଭିନ୍ନ ଭିନ୍ନ ସ୍ଥାନକୁ ଡାକି ଅନିଚ୍ଛା ସତ୍ତ୍ୱେ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଏହି ଘଟଣା ପରିବାର ଲୋକେ ଜାଣିବା ପରେ ଉପେନ୍ଦ୍ର ଓ ତାଙ୍କ ପରିବାର ସହ ଆଲୋଚନା କରିଥିଲେ। ହେଲେ ଏହାର ସମାଧାନ ହୋଇପାରି ନ ଥିଲା। ଅନ୍ୟପକ୍ଷରେ ଉପେନ୍ଦ୍ର ନାବାଳିକାଙ୍କ ପରିବାର ଲୋକଙ୍କୁ ଧମକ ଦେବା ସହ ଗାଳିଗୁଲଜ କରିଥିଲେ। ନାବାଳିକାଙ୍କ ସମ୍ପର୍କୀୟଙ୍କୁ ଅଶ୍ଳୀଳ ଫଟୋ, ଭିଡ଼ିଓ ଏବଂ ରେକର୍ଡିଂ ହ୍ୱାଟସ୍‌ଅପ୍‌ରେ ପଠାଇବା ସହ ନିଜ ଫେସବୁକ୍‌ରେ ଅପଲୋଡ୍ କରିଥିଲେ। ଏହାପରେ ବାଧ ହୋଇ ପରିବାର ଲୋକେ ୨୦୧୬ ଫେବୃୟାରୀ ୯ ତାରିଖରେ କମର୍ଦ୍ଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ କମର୍ଦ୍ଦା ଥାନାରେ ମାମଲା (ନଂ. ୬/୧୬) ରୁଜୁ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

କେନ୍ଦୁଝର,୨୮।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ସୋମବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଚିତ୍ତରଞ୍ଜନ ମହାପାତ୍ର ଏହାର ବିଚାର କରି ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ୨୦୧୭ ଜୁଲାଇ ୪ରେ ତେଲକୋଇ ଥାନା ବଡ଼ଖମଣ ଅଞ୍ଚଳର ବାବୁଲି ମଲ୍ଲାର ତାଙ୍କ ସ୍ତ୍ରୀ ବର୍ଷା ମଲ୍ଲାରଙ୍କୁ ପଥରରେ ଛେଚି ହତ୍ୟା କରିଥିଲେ। ମୃତକଙ୍କ ଭାଇ ଚିନ୍ତା ମଲ୍ଲାରଙ୍କ ଅଭିଯୋଗକୁ ଭିତ୍ତି କରି ତେଲକୋଇ ପୋଲିସ ବାବୁଲିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧୫ ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ଉକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ପବ୍ଲିକ୍ ପ୍ରୋସିକ୍ୟୁଟର(ପିପି) ପ୍ରଦୀପ ଦାସ ମାମଲା ପରିଚାଳନା କରିଥିଲେ।

# ବନ୍ଧସାହି ଗ୍ରାମରୁ ନାଗ ଉଦ୍ଧାର

ସୋର, ୨୮।୧୧(ଡି.ଏନ.ଏ.): ବାଲେଶ୍ୱର ଜିଲା ସିଙ୍ଗାଖୁଣ୍ଟା ପଞ୍ଚାୟତ ବନ୍ଧସାହି ଗ୍ରାମରୁ ଏକ ନାଗ ସାପ ଉଦ୍ଧାର କରାଯାଇଛି। ଏହି ଗ୍ରାମର ରେଟେ ନାୟକ ସକାଳୁ ତାଙ୍କ ଘର ପାର୍ଶ୍ୱରେ ଏକ ନାଗ ସାପ ଦେଖି ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ଏନେଇ ବାରୁଣୀଶ୍ୱର ବନ ସଂରକ୍ଷଣ ସମିତି କୋଷାଧ୍ୟକ୍ଷ ସାଗର ସିଂଙ୍କୁ ଯୋଗାଯୋଗ କରିବା ପରେ ସେ ସେଠାରେ ପହଞ୍ଚି ସାପକୁ ଉଦ୍ଧାର କରିବା ସହିତ ସାପ ଶରୀରରେ ମାଡ଼ ହୋଇଥିବା ସ୍ଥାନରେ ଚିକିତ୍ସା କରି ବାଘଆମ୍ପୁଡ଼ା ହଦ ଜଙ୍ଗଲରେ ଛାଡ଼ିଥିଲେ।

